## ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ

ଖଣ୍ଡପଡା,(ସ୍ୱ.ପ୍ର)-ଖଣ୍ଡପଡା ସହରର ୧ନଂ. ୱାର୍ଡରେ ଏନଏସି କର୍ତୃପକ୍ଷଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅଣୁଜୈବ ଖତ ପ୍ରସ୍ତୁତି ଏବଂ ଶୁଖିଲା ବର୍ଜ୍ୟବସ୍ତୁ ପ୍ରକ୍ରୀୟାକରଣ କେନ୍ଦ୍ରର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଇତିଶ୍ରୀ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ସଙ୍ଗଠିକା ଇନ୍ଦୁମତି ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି କିଶୋର ଚନ୍ଦ୍ର ଦାଶ ଯୋଗ ଦେଇଥିଲେ।

# କାୟାକଳ୍ପ ଟିମ୍ ପାଇଁ ବଦଳିଲା ୫ ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର

### ଟିମ୍ ଫେରିଲା ପରେ ପୁଣି ଅବ୍ୟବସ୍ଥା




ନୟାଗଡ଼ ଅଫିସ,୬।୧

ନୟାଗଡ଼ ଜିଲାର ୫ ସ୍ୱାସ୍ଥ୍ୟକେନ୍ଦ୍ରର ଚିତ୍ର ବଦଳି ଯାଇଛି । ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା ପରି ସମସ୍ୟା ହଟିଛି । ରଙ୍ଗବେରଙ୍ଗ ଫୁଲ ଗଛ ସହ ଅନ୍ୟାନ୍ୟ ଆକର୍ଷଣୀୟ ଗଛ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୋଭା ପାଉଛି । ସ୍ୱାସ୍ଥ୍ୟକେନ୍ଦ୍ର ଏବେ ପାର୍କର ଭ୍ରମ ସୃଷ୍ଟି କରୁଛି । ତେବେ ସର୍ବଭାରତୀୟସ୍ତରରେ ପୁରସ୍କାର ହାତେଇବା ପାଇଁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଶରଣକୁଳ, ନୂଆଗାଁ, ଭାପୁର ଓ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ପରିବର୍ତ୍ତନ ଆସିଛି । ସବୁଠି ସୌନ୍ଦର୍ଯ୍ୟକରଣ ପାଇଁ ପ୍ରତିଯୋଗିତା ଚାଲିଛି। କାୟାକଳ୍ପ ଟିମ୍‌ର ଜିଲାଗସ୍ତକୁ ଆଖି ଆଗରେ ରଖି ଏପରି ଚାଲିଥିବା ଜଣାପଡିଛି।

ମଙ୍ଗଳବାର ଓ ବୁଧବାର କାୟାକଳ୍ପ ଟିମ୍ ଜିଲାର ୫ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ସେଥିପାଇଁ ସେହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକ ପୂର୍ବ ଅପେକ୍ଷା ଅଧିକ ସଫାସୁତୁରା ରହିଥିବା ଦେଖିବାକୁ ମିଳିଥିଲା । ଚାରିଆଡ ରଙ୍ଗବେରଙ୍ଗ ଫୁଲ ଗଛ ସହ ଡାକ୍ତର ଓ କର୍ମଚାରୀଙ୍କ କଥାବାର୍ତ୍ତା ଶୈଳୀରେ ବି ପରିବର୍ତ୍ତନ ଆସିଥିଲା । ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଓ ଅଧିକାରୀମାନେ ନିଜ ନିଜର ଦାୟିତ୍ୱକୁ ଭଲ ଭାବେ ତୁଲାଇ ଚାଲିଥିଲେ। କାୟାକଳ୍ପ ଟିମ୍ ମଙ୍ଗଳବାର ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ବୁଧବାର ନୂଆଗାଁ, ଭାପୁର ଓ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଟିମ୍ ସବୁ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ପରେ ସନ୍ତୋଷ ପ୍ରକାଶ କରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ମଙ୍ଗଳବାରର ଚିତ୍ର ବୁଧବାର ଶରଣକୁଳ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ନ ଥିଲା । ଅସ୍ଥାୟୀ ଭାବେ ରହିଥିବା କିଛି ଫୁଲଗଛ ଉଭାନ ହୋଇ ଯାଇଥିଲା । ଡାକ୍ତର ଓ କର୍ମଚାରୀମାନେ ସେମାନଙ୍କ ପୁରୁଣା ଢ଼ଙ୍ଗରେ ରୋଗୀଙ୍କ ସହ କଥାବର୍ତ୍ତା କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥା ବଦଳି ଯାଇଥିଲା ବୋଲି ଅଭିଯୋଗ ହୋଇଛି ।

ଏନେଇ ଡିପିଏମ୍ ନିତ୍ୟ ରଞ୍ଜନ ବରାଳ କୁହନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ କାୟାକଳ୍ପ ଟିମ୍ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ଶରଣକୁଳ, ନୂଆଗାଁ, ଭାପୁର ଓ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି । ଏହି ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱଚ୍ଛତା, ଚିକିତ୍ସା ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଗୁଣବତ୍ତାକୁ ଆଧାର କରି କାୟାକଳ୍ପ ଟିମ୍ ମାର୍କ ପ୍ରଦାନ କରିଥାଏ । ଆମ ଜିଲାର ୫ଟି ସ୍ୱାସ୍ଥ୍ୟକେନ୍ଦ୍ରର ଗୁଣବତ୍ତା ଭଲ ଥିବାରୁ କାୟାକଳ୍ପ ଟିମ୍ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେଥିପାଇଁ ନୟାଗଡ଼ ଜିଲା ଭଲ ନମ୍ବର ରଖିବ ବୋଲି ଆଶା ରଖିଛୁ ।

## ସଂକ୍ଷେପରେ

### ପିପିଏଲ୍‌ରେ ପକ୍ଷୀଗଣନା ଚଳିତବର୍ଷ ୪୮ ପ୍ରଜାତିର ୩୦ ହଜାରରୁ ଅଧିକ ସମାଗମ

ପାରାଦୀପ,୬।୧(ସ୍ୱ.ପ୍ର.): ରସାୟନଯୁକ୍ତ କାରଖାନା ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ)ରେ ବୁଧବାର ରାଜନଗର ବନଖଣ୍ଡ ପକ୍ଷରୁ ପକ୍ଷୀଗଣନା କରାଯାଇଛି। ଚଳିତବର୍ଷ ପିପିଏଲ୍ ପରିସରରେ ୩୦ ହଜାରରୁ ଅଧିକ ପକ୍ଷୀ ଆଶ୍ରୟ ନେଇଛନ୍ତି ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଥିରେ ୪୮ ପ୍ରଜାତିର ଦେଶୀ ବିଦେଶୀ ପକ୍ଷୀ ଅଛନ୍ତି। ରାଜନଗର ବନଖଣ୍ଡର ପକ୍ଷୀ ବିଶେଷଜ୍ଞ ସୁଚିତ୍ରା ସାହୁଙ୍କ ନେତୃତ୍ୱରେ ୫ ଜଣିଆ ଟିମ ପକ୍ଷୀଗଣନା କରିଥିଲେ। ଗତବର୍ଷ ୨୭ ହଜାର ପକ୍ଷୀ ଆସିଥିଲେ। ପିପିଏଲ୍‌ରେ ୧୬ରୁ ଅଧିକ ବିଶାଳ ଜଳାଶୟ ଅଛି। ଜଙ୍ଗଲିଆ ପରିବେଶ ଓ ଶାନ୍ତ ବାତାବରଣ ଯୋଗୁଁ ୧୨ ବର୍ଷ ହେଲା ଶୀତଦିନେ ବିଦେଶୀ ପକ୍ଷୀଙ୍କ ଆଗମନ ହେଉଛି। ଏପରି କି ୨୦୧୨ରୁ ବନବିଭାଗ ପକ୍ଷରୁ ପ୍ରତିବର୍ଷ ଗଣନା କରାଯାଉଛି। ପକ୍ଷୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ କମ୍ପାନୀ କଠୋର ପଦକ୍ଷେପ ନେଇଛନ୍ତି। ଫଳରେ ବିଦେଶାଗତ ପକ୍ଷୀଙ୍କ ସବୁଠାରୁ ନିରାପଦ ଆଶ୍ରୟ ପିପିଏଲ୍ ବୋଲି କମ୍ପାନୀ ମୁଖ୍ୟ ରଣଜିତ୍ ସିଂ ଚୁଗ କହିଛନ୍ତି।

### ୧୯ଖଣ୍ଡ ଶାଳପଟା ଜବତ, ୪ ଗିରଫ

ଖଣ୍ଡପଡା,୬।୧(ସ୍ୱ.ପ୍ର.): ଖଣ୍ଡପଡା ବନାଞ୍ଚଳ ଅଧୀନ ସିଘାଂପଡା ପଞ୍ଚାୟତର ସାରଣ୍ଡା ଗ୍ରାମ ନିକଟ ସାପୁଆ ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଅଧିକାରୀ ୧୯ଖଣ୍ଡ ସାଇଜ୍ ଶାଳ ପଟା ଜବତ କରିଛନ୍ତି । ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆପଲ୍ଲୀ ଗ୍ରାମର ଗୋବର୍ଦ୍ଧନ ପରିଡା, କୁଞ୍ଜବିହାରୀପ୍ରସାଦ ଗ୍ରାମର ଦିଲ୍ଲୀପ ଜେନା, ଇଚ୍ଛାପୁର ଗ୍ରାମର ପ୍ରକାଶ ନାଏକ ଓ ଅଶୋକ ନାଏକ । ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଶାଳଗଛ କାଟି ପଟା ଚିରଟ କରୁଥିବା ଖବର ପାଇ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ବନ ବିଭାଗ ୧୯ ଖଣ୍ଡ ଶାଳ ପଟା, ବ୍ୟବହୃତ କରତ, ଟାଙ୍ଗିଆ ଓ ଆନୁସଙ୍ଗିକ ଉପକରଣ ଜବତ କରିଛି । ଜବତ କାଠଗୁଡିକୁ ସିଘାଂପଡା ବନ ବିଭାଗ ବିଟ୍ ହାଉସରେ ରଖା ଯାଇଛି। ଏହି କାଠର ମୂଲ୍ୟ ୮୦ ହଜାର ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି ।

### ଡ୍ରେନ ନିର୍ମାଣ ଦାବିରେ ମହିଳାଙ୍କ ଧାରଣା

ରାଜନଗର,୬।୧(ଡି.ଏନ.ଏ.): ରାଜନଗର ବ୍ଲକର ରାଜନଗର ଗ୍ରାମ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତର ମାନ୍ୟତା ମିଳିଛି। ଏହି ପଞ୍ଚାୟତରେ ପାନୀୟ ଜଳ, ରାସ୍ତାଘାଟ ସମେତ ବିଭିନ୍ନ ୱାର୍ଡରୁ ପାଣି ନିଷ୍କାସନ ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଡ୍ରେନ ନିର୍ମାଣ କାମ ଆରମ୍ଭ ହୋଇନାହିଁ। ଫଳରେ ମହିଳା ଡ୍ରେନ ନିର୍ମାଣ ଦାବି ନେଇ ବୁଧବାର ରାଜନଗର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର ଖୁବ୍ ଶୀଘ୍ର ଡ୍ରେନ ନିର୍ମାଣ କରାଯିବା ବୋଲି ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଧାରଣାରୁ ଓହରି ଥିଲେ।

ଏହି ପଞ୍ଚାୟତ ୧୧ନଂ. ୱାର୍ଡରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ଜଳ ନିଷ୍କାସନ ପାଇଁ ଡ୍ରେନର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ଅଧିବାସୀମାନେ ବହୁଥର ସରପଞ୍ଚ ଏବଂ ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ । ତଥାପି ଡ୍ରେନ ନିର୍ମାଣରେ ବିଳମ୍ବ ହେବାରୁ ମହିଳାମାନେ ଧାରଣା ଦେଇଥିଲେ। ଏହି ଧାରଣାରେ ଅଞ୍ଜଳି ମଲିକ, ସଞ୍ଜୁଲତା ମଲିକ, ଶାନ୍ତିଲତା ମଲିକ, ଗୌରୀ ମଲିକ, ସେବତୀ ମଲିକ ପ୍ରମୁଖ ସାମିଲ ହୋଇଥିଲେ।

### କରୋନା ଯୋଦ୍ଧାଙ୍କ ପରିବାରକୁ ମିଳିଲା ସହାୟତା

ଏରସମା,୬।୧(ସ୍ୱ.ପ୍ର.): କରୋନାରେ ମୃତ୍ୟୁବରଣ କରିଥିବା ଗ୍ରାମ ରୋଜଗାର ସେବକ (ଜିଆରଏସ୍)ଙ୍କ ପରିବାରକୁ ବୁଧବାର ୫୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏରସମା ବ୍ଲକ ଅଚ୍ୟୁତଦାସପୁର ଗାଁର ଅମିର କୁମାର ତରାଇ ଗଡବିଶୁନିପୁର ପଞ୍ଚାୟତରେ ଜିଆରଏସ୍ ଭାବେ କାର୍ଯ୍ୟ କରୁଥିଲେ। କରୋନାରେ ଆକ୍ରାନ୍ତ ହୋଇ ୮।୧୧।୨୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ଏରସମା ବ୍ଲକ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ରଘୁନନ୍ଦନ ଦାସ ମୃତ ଜିଆରଏସ୍ ତରାଇଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଦଳାଇଙ୍କୁ ଉକ୍ତ ସହାୟତା ପ୍ରଦାନ କରିଥିଲେ। ବ୍ଲକ ପକ୍ଷରୁ ୨ ଲକ୍ଷ ଟଙ୍କା ଓ ପୋଷାକ ଦିଆଯାଇଛି।

# ଜଗତ୍‌ସିଂହପୁର ଜିଲାପାଳଙ୍କ ପୁନଃ ନିଯୁକ୍ତିକୁ ବିରୋଧ କରି ସମାବେଶ



ସମାବେଶରେ ସାମିଲ ହୋଇଥିବା ମହିଳାପୁରୁଷମାନେ।

କୁଜଙ୍ଗ,୬।୧(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲାପାଳ ଭାବେ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୁନଃ ନିଯୁକ୍ତିକୁ ବିରୋଧ କରି ବୁଧବାର ଏରସମା ବ୍ଲକ ଢିଙ୍କିଆର ପାଟଣା ହାଟଠାରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଜନସମାବେଶ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବକ୍ତାଅଭିଯୋଗ କରିଥିଲେ ଯେ, ଢିଙ୍କିଆ ଚାରିଦେଶର ଅଧିବାସୀ ଶହଶହ ବର୍ଷ ହେବ ଜଙ୍ଗଲ କିସମ ଜମି ଉପରେ ନିର୍ଭର କରି ଚଳି ଆସୁଛନ୍ତି। ଏହି ମାଟିରେ ଧାନ, ପାନ, ମୀନ, ଗୁଆ, ସପୁରି, ପିଜୁଳି, କାଜୁ ପ୍ରଭୃତି ଅର୍ଥକାରୀ ଫସଲ ହୁଏ। ଏଠିକାର ଅଧିକାଂଶ ଅଧିବାସୀ ଭୂମିହୀନ। ୧୯୯୪ରେ ଭାରତୀୟ ତୈଳ ନିଗମ ବିଶୋଧନାଗାର ପ୍ରତିଷ୍ଠା ପାଇଁ ଯୋଜନା ବେଳେ ଜନସାଧାରଣଙ୍କ ଦୃଢ ବିରୋଧ ଯୋଗୁ ତାହା ଅନ୍ୟତ୍ର ସ୍ଥାନାନ୍ତର ହୋଇଥିଲା। ସେହିପରି ୨୦୦୫ରେ ଦକ୍ଷିଣ କୋରିଆ ପୋହାଙ୍ଗ ଷ୍ଟିଲ ପୋସ୍କୋ ମେଗା ପ୍ରକଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷରିତ କରିଥିଲେ ବି ଜନସାଧାରଣଙ୍କ ବିରୋଧ ଯୋଗୁ ଦଶବର୍ଷ ପରେ ଫେରିଯିବାକୁ ବାଧ୍ୟ ହୋଇଥିଲା। ସୂଚନାଯୋଗ୍ୟ, ପୋସ୍କୋ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁଥିବା ବେଳେ ବର୍ତ୍ତମାନର ଜିଲାପାଳ ରୂପେ ପୁନଃ ନିଯୁକ୍ତି ପାଇଥିବା ମହାପାତ୍ର ଇଡ୍‌କୋର ଭୂ-ଅର୍ଜନ ଅଧିକାରୀ ଥିଲେ। ସେତେବେଳେ ଆନ୍ଦୋଳନକାରୀ ଯୁବଛାତ୍ର ମହିଳାଙ୍କୁ ବାଡେଇ ମାନବ ଅଧିକାର କ୍ଷୁର୍ଣ୍ଣ କରିଥିବା ସେମାନେ ଅଭିଯୋଗ କରିଥିଲେ। ବର୍ତ୍ତମାନ ଜେଏସ୍‌ଡବ୍ଲ୍ୟୁ ଢିଙ୍କିଆ ଚାରିଦେଶରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତିବଦ୍ଧ ହୋଇଛି। ତିର୍ତ୍ତୋଲ ଉପନିର୍ବାଚନ ପୂର୍ବରୁ ଜିଲାପାଳ ଥିବ ମହାପାତ୍ର ସମସ୍ତ ଆଇନ କାନୁନ ଓ କୋଭିଡ ଆଇନକୁ ଉଲ୍ଲଂଘନ କରି ଜନମତକୁ ବିଭ୍ରାନ୍ତ କରିବାକୁ ବହୁବାର ସମାବେଶ କରିଥିବା ଢିଙ୍କିଆବାସୀ ଅଭିଯୋଗ କରିଛନ୍ତି। ସେହିପରି ମହାପାତ୍ରଙ୍କ ଘର ଜଗତ୍‌ସିଂହପୁର ଜିଲାରେ ହୋଇଥିବାରୁ ନିଜ ଜିଲାରେ ଜିଲାପାଳ ହୋଇ ନ ପାରିବାର ନିୟମ ଅଛି। ହେଲେ ନିୟମକୁ ଉଲ୍ଲଘନ କରି ତାଙ୍କୁ କିପରି ଜିଲାପାଳ ରୁପେ ପୁନଃ ନିଯୁକ୍ତି ଦିଆଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଭଳି ଜଣେ ଜନବିରୋଧୀ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଜିଲାପାଳ ରୂପେ ନିଯୁକ୍ତିକୁ ବାତିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସମାବେଶରେ ଦେବେନ୍ଦ୍ର ସ୍ୱାଇଁ, ଅକ୍ଷୟ ଦାସ, ପ୍ରଶାନ୍ତ ରାଉତ, ଉର୍ମିଳା ଦାସ, କୁନି ପ୍ରଧାନ ପ୍ରମୁଖ ଶତାଧିକ ମହିଳାପୁରୁଷ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

## ବାଲିଘାଟ ନିଲାମକୁ ଗ୍ରାମବାସୀଙ୍କ ବିରୋଧ

ଯାଜପୁର ସଦର,୬।୧(ଡି.ଏନ.ଏ.)

ଯାଜପୁର ବ୍ଲକ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ଗ୍ରାମ ସଂଲଗ୍ନ ଖରସ୍ରୋତା ନଦୀ ବାଲିଘାଟ ନିଲାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି। କଳସପୁର ପ୍ରାଥମିକ ବିଦ୍ୟାଳୟ ସହିତ ଖେଳପଡିଆ ଓ ଅଙ୍ଗନବାଡି କେନ୍ଦ୍ର ଉକ୍ତ ବାଲିଘାଟକୁ ଲାଗି ରହିଛି। ଜିଲା ପ୍ରଶାସନ ପକ୍ଷରୁ କରାଯାଇଥିବା ବାଲିସୈରାତ କେସ୍ ନଂ-୩୧/୨୦୧୯, ଖାତା ନଂ-୨୯୧, ପ୍ଲଟ୍ ନଂ-୧୦୨୮, ରକବା ୨ ଏକର ଯାହାକି ୫ବର୍ଷ ନିମନ୍ତେ ଦିର୍ଘମିଆଦି ସୂତ୍ରରେ ନିଲାମକୁ ବିରୋଧ କରି ଜିଲା ଗ୍ରାମବାସୀ ପ୍ରଶାସନକୁ ଅଭିଯୋଗ କରିଥିଲେ। ପିଲାମାନଙ୍କର ପାଠପଢାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଗ୍ରାମରେ ଥିବା ଏକମାତ୍ର ଖେଳପଡିଆ ନଷ୍ଟ ହୋଇଯିବାର ଗ୍ରାମବାସୀ ଆଶଙ୍କା କରିଥିଲେ। ୨୦ନଂ ଜାତୀୟ ରାଜପଥରୁ ଗ୍ରାମକୁ ଯାଇଥିବା ମୁଖ୍ୟ ନଦୀବନ୍ଧ ରାସ୍ତା ଅଣଓସାରିଆ ଓ ଦୁର୍ବଳ ହୋଇଥିବାରୁ ଭାଙ୍ଗିତୁଟି ଯିବା ଦ୍ୱାରା ଗ୍ରାମକୁ ଆମ୍ବୁଲାନ୍ସ ଯିବାଆସିବା କରିପାରିବ ନାହିଁ ବୋଲି ଆଦି ଅସୁବିଧା ଗୁଡିକୁ ଦର୍ଶାଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିଲାନାହିଁ। ଫଳରେ ଗ୍ରାମବାସୀଙ୍କ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏନେଇ ୩ ମାସ ମଧ୍ୟରେ ଘଟଣାର ବିଦ୍ଧିବଦ୍ଧ ତଦନ୍ତ କରି ଗ୍ରାମବାସୀଙ୍କୁ ନ୍ୟାୟ ଦେବା ପାଇଁ ଜିଲାପାଳ ଓ ତହସିଲଦାରଙ୍କୁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

# ୟୁକୋ ବ୍ୟାଙ୍କର ୭୮ତମ ପ୍ରତିଷ୍ଠା ଦିବସ



ବ୍ୟାଙ୍କ ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ଅତିଥି।

ଧର୍ମଶାଳା,୬।୧(ଡି.ଏନ.ଏ.)

ୟୁକୋ ବ୍ୟାଙ୍କର ୭୮ତମ ପ୍ରତିଷ୍ଠା ଦିବସ ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖା ପରିସରରେ ଶାଖା ପରିଚାଳକ ସୋମନାଥ ସେଠୀଙ୍କ ସଭାପତିତ୍ୱରେ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ଶାଖା ପରିଚାଳକ ସେଠୀ କହିଥିଲେ, ଏହି ଶାଖାରେ ଗ୍ରାହକ ସଂଖ୍ୟା ୩୫,୮୦୦ରେ ପହଞ୍ଚିଥିବାବେଳେ ୨୦୨ କୋଟି ୧ଲକ୍ଷ ଟଙ୍କା ଜମାରାଶି ସଂଗୃହୀତ ହୋଇଛି। ୧୨୦୮ ଜଏଣ୍ଟ ଜମାକାରୀ ୧୨ କୋଟି ୯୦ ଲକ୍ଷ ଟଙ୍କା ଜମାକରିଥିଲାବେଳେ ୧୩୦୬ ଜଣ ସ୍ଥାୟୀ ଜମାକାରୀ ୯୦ କୋଟି ୫୫ଲକ୍ଷ ଟଙ୍କା ଜମା କରିଛନ୍ତି। ୧ ହଜାର ଲୋକଙ୍କୁ ୧୮ କୋଟି ୩୪ ଲକ୍ଷ ବାଣିଜ୍ୟ ଋଣ ଓ ୫ଶହ ଜଣଙ୍କୁ ୧୫ କୋଟି ୭୦ ଲକ୍ଷ କ୍ଷୁଦ୍ର ଋଣ ଦିଆଯାଇଛି। ୨୦୨୦ ଶେଷ ସୁଦ୍ଧା ୩୮ କୋଟି ୬୭ଲକ୍ଷ ମୋଟ ଋଣ ପ୍ରଦାନ କରାଯାଇଥିବା ବେଳେ ଏହି ବ୍ୟାଙ୍କ ୨୪୦ କୋଟି ୬୮ ଲକ୍ଷ ବ୍ୟବସାୟ କରିଛି। ୧୫୦୦ ଜଣଙ୍କୁ ୫ କୋଟି ୫୦ଲକ୍ଷ ଟଙ୍କା କୃଷି ଋଣ ଓ ୨୭ଜଣ ଛାତ୍ରଙ୍କୁ ଉଚ୍ଚ ଶିକ୍ଷା ପାଇଁ ୭୮ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିବା ସେଠୀ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ଯୁଧିଷ୍ଠିର ସ୍ୱାଇଁ, ଅଭିରାମ ନନ୍ଦ, ସିଡିପିଓ ସଂଯୁକ୍ତା ସାହୁ, ପ୍ରେସକ୍ଲବ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଅଜୟ ନାଥ, ସତ୍ୟପ୍ରିୟ ମହାନ୍ତି ପମୁଖ ଯୋଗଦେଇ ୟୁକୋ ବ୍ୟାଙ୍କରେ ଗ୍ରାହକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଧର୍ମଶାଳା ୟୁକୋ ବ୍ୟାଙ୍କ ଶାଖା ୧୯୭୪ଠାରୁ ପ୍ରତିଷ୍ଠା ହୋଇଥିଲା। ଏବେ ଏହି ଶାଖାଟି ଜାରକାଠାରେ ଏକ ଉପର ମହଲା କୋଠାରେ ଚାଲୁଥିବାରୁ ବରିଷ୍ଠ ନାଗରିକଙ୍କ ପକ୍ଷେ ଉପରମହଲାକୁ ଯିବା ଅସମ୍ଭବ ହେଉଛି। ଏଥିଲାଗି ବରିଷ୍ଠ ନାଗରିକଙ୍କୁ ତଳ ମହଲାରେ ବ୍ୟାଙ୍କ ସେବା ଯୋଗାଇଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଶାଖା ପରିଚାଳକ ଘୋଷଣା କରିଥିଲେ। ଶାଖା ସହ ପରିଚାଳକ ଚନ୍ଦ୍ର କୁମାର ଓ ଅତିଥି ଭାବେ ଭାଗିରଥି ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶାଖାର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ବ୍ୟାଙ୍କର ବହୁ ଗ୍ରାହକ ଯୋଗ ଦେଇଥିଲେ। ସହ ପରିଚାଳକ କିଶୋର ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଓଲାଶୁଣୀ ପୀଠ ବିକାଶ ପାଇଁ ଦିଆଯିବ ପ୍ରସ୍ତାବ

### ଶିକ୍ଷା, ସଂସ୍କୃତି ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକ

ଯାଜପୁର ଟାଉନ,୬।୧(ଡି.ଏନ.ଏ.)

ଯାଜପୁର ଜିଲା ପରିଷଦ ଅନ୍ତର୍ଗତ ଶିକ୍ଷା, କ୍ରୀଡ଼ା ଓ ସଂସ୍କୃତି ବିଭାଗର ଷ୍ଟାଣ୍ଡିଂ କମିଟି ବୈଠକ ଏହାର ଅଧ୍ୟକ୍ଷ ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ପ୍ରସିଦ୍ଧ ପର୍ଯ୍ୟଟନ ପୀଠ ଓଲାଶୁଣୀର ସାମଗ୍ରିକ ବିକାଶ ଉପରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିଲା। ଏଠାକୁ ପର୍ଯ୍ୟଟକଙ୍କ ଆଗମନ ବିଶେଷ ହେଉ ନ ଥିବା ଦେଖାଯାଉଛି। ଏଣୁ ସରକାର ଏହାର ସ୍ୱତନ୍ତ୍ର ବିକାଶ ପାଇଁ ଗୁରୁତ୍ୱ ଦେବାକୁ ଏକ ପ୍ରସ୍ତାବ ଗୃହିତ ପୂର୍ବକ ରାଜ୍ୟ ସରକାରଙ୍କୁ ପଠାଯିବାକୁ ନିଷ୍ପତ୍ତି ହୋଇଛି। ଜିଲାରେ ନିର୍ମାଣ ପ୍ରକ୍ରିୟାରେ ଥିବା ବରୀ, ବିଞ୍ଝାରପୁର ଓ ରସୁଲପୁରର ଆଦର୍ଶ ବିଦ୍ୟାଳୟଗୁଡିକୁ ତୁରନ୍ତ ସାରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ୨ ସପ୍ତାହ ମଧ୍ୟରେ ବଡ଼ଚଣା ଆଦର୍ଶ ବିଦ୍ୟାଳୟ ସମ୍ପୂର୍ଣ୍ଣ ହୋଇ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବିଭିନ୍ନ ବ୍ଲକରେ ନୂତନ ଖେଳପଡିଆ ନିର୍ମାଣ ପାଇଁ ପ୍ରସ୍ତାବ ପଠାଇବା ନିମନ୍ତେ ବିଡିଓମାନଙ୍କୁ ପତ୍ର ଲେଖିବାକୁ ନିଷ୍ପତ୍ତି ହୋଇଛି। ସରକାରଙ୍କ ପ୍ରସ୍ତାବିତ ଭାଗବତ ଟୁଙ୍ଗି ନିର୍ମାଣକୁ ତ୍ୱରାନ୍ୱିତ କରାଯିବାକୁ ଆଲୋଚନା ହୋଇଥିଲା। ଜିଲାର ୧୦ଟି ବ୍ଲକରେ ୨୩୫ଟି ଭାଗବତ ଟୁଙ୍ଗି ପ୍ରତିଷ୍ଠା ପାଇଁ ଅର୍ଥ ମଞ୍ଜୁରୀ ହୋଇଥିଲେ ମଧ୍ୟ କାର୍ଯ୍ୟର ଅଗ୍ରଗତି ଘଟି ନ ଥିବାରୁ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲା ସଂସ୍କୃତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ସଭାପତି ନରେଶ ଚନ୍ଦ୍ର ମହାନ୍ତି, ସଭ୍ୟା ମାମିନା ମଲ୍ଲିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଗୋପିନାଥ କୁଅଁର, ସମଗ୍ର ଶିକ୍ଷାର ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୁତାର, ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବରପଦା ନାଳରେ ପୋଲ ନିର୍ମାଣ କରା ନ ଯାଉ

ନୟାଗଡ ଅଫିସ,୬।୧

ନୟାଗଡ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଜାମୁସାହି ନିକଟସ୍ଥ ବରପଦା ସାହି ନାଳରେ ପୋଲ ନିର୍ମାଣ ନ କରିବାକୁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି । ଏନେଇ ଜାମୁସାହ ବାସିନ୍ଦା ନୟାଗଡ ଜିଲାପାଳ, ଡ୍ରେନେଜ ଡିଭିଜନ ଖୋର୍ଦ୍ଧାର ସହକାରୀ ଓ କନିଷ୍ଠ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ ଡ୍ରେନେଜ ବିଭାଗକୁ ଅବଗତ କରାଇଛନ୍ତି । ଲୋକଙ୍କ ଅଭିଯୋଗ ଅନୁସାରେ ବରପଦା ନାଳରେ ପୋଲ ନିର୍ମାଣ କରାଗଲେ ଅଯଥାରେ ସରକାରୀ ଟଙ୍କା ଅପବ୍ୟୟ ହେବ । ଏହାଦ୍ୱାରା କୌଣସି ଲୋକ ଉପକୃତ ହେବେ ନାହିଁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି ।

## ଭାଜପା ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ




ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଏସ୍‌ପି ଅଫିସକୁ ଯାଉଛନ୍ତି।

ଯାଜପୁର ଅଫିସ,୬।୧

ଯାଜପୁର ଜିଲା ଭାଜପା ପକ୍ଷରୁ ବୁଧବାର ପାଣିକୋଇଲିସ୍ଥିତ ଏସ୍‌ପିଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏସ୍‌ପି ରାହୁଲ ପିଆରଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହିତ ମନ୍ତ୍ରୀ ପ୍ରତାପ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦାବିପତ୍ରରେ ମାହାଙ୍ଗାର କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ହତ୍ୟା ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର ଓ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ଉଲ୍ଲେଖ କରାଯାଇଛି। ଏନେଇ ଏକ ଶୋଭଯାତ୍ରା ପାଣିକୋଇଲି ବଜାରରୁ ବାହାରି ଏସ୍‌ପି ଅଫିସ ନିକଟରେ ପହଞ୍ଚିଥିଲା। ଜିଲା ଭାଜପା ସଭାପତି ଗୌତମ ରାୟ, ଅମର ନାୟକ, ବିଶ୍ୱଜିତ ନାୟକ, ପ୍ରଦୀପ ବଳ ସାମନ୍ତ, ରମେଶ ପରିଡା, ସୁବାସିନୀ ନାଥ ଶର୍ମା, ଶଶିଭୂଷଣ ସେନାପତି, ଅଚ୍ୟୁତାନନ୍ଦ ଦାସ, ସରୋଜ ଦେ, ନୀଳମାଧବ ଚକ୍ରଙ୍କ ସମେତ ଶତାଧିକ କର୍ମୀ ଏଥିରେ ଯୋଗ ଦେଇଥିଲେ। ବ୍ୟାସନଗର ଭାଜପା ମଣ୍ଡଳ ତରଫରୁ ଯାଜପୁରରୋଡ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସହ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି।

# ଗୋଚର ଜମିରେ ବେଆଇନ ନିର୍ମାଣକୁ ବିରୋଧ

### ସୁପ୍ରିମ୍‌କୋର୍ଟଙ୍କ ଆଦେଶକୁ ପ୍ରଶାସନର ଅବଜ୍ଞା



ଗୋଚର ଜମିରେ ପୋଖରୀ ଖୋଳା ସହ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି।

କୁଜଙ୍ଗ, ୬।୧(ଡି.ଏନ୍.ଏ.):

ଗୋଚର, ଶ୍ମଶାନ, ଗ୍ରାମ୍ୟ ରାସ୍ତା, ଚକନାଳ ଓ ପାଣିନାଳ ପାଇଁ ସଂରକ୍ଷିତ ଥିବା ସରକାରୀ ଜମିକୁ କୌଣସି ବ୍ୟକ୍ତିବିଶେଷ ବା ସଂସ୍ଥା ବେଆଇନ ଭାବେ ଦଖଲ କରିପାରିବେ ନାହିଁ। ସେଠାରେ ବ୍ୟବସାୟ କି ପକ୍କା ଗୃହ ନିର୍ମାଣ ନ କରିବାକୁ ସୁପ୍ରିମକୋର୍ଟ ଆଦେଶ ନଂ. ୮୫୧୯/୨୦୦୬, ୭।୧୨।୨୦୦୯ରେ ଗୃହୀତ ସହ ସ୍ପଷ୍ଟ ଉଲ୍ଲେଖ ଅଛି। କିନ୍ତୁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ତହସିଲ ଅଧୀନ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ମୌଜାର ପ୍ଲଟ ନଂ. ୨୨୭, ଖାତା ନଂ. ୧୮୪ରେ ଥିବା ଗୋଚର ଜମିରେ ବ୍ଲକ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସାଙ୍ଗକୁ ପୋଖରୀ ଖୋଳାଚାଲିଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ସେ ନ ଶୁଣିବାରୁ ଗ୍ରାମବାସୀ ବାଧ ହୋଇ ସୁପ୍ରିମକୋର୍ଟଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଗୋଚର ଜମିର କିଛି ଅଂଶ ସରପଞ୍ଚଙ୍କ ସ୍ୱାମୀ ଓ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ମିଶି ମେସିନ ସାହାଯ୍ୟରେ ଖୋଳି ବାଲି ବିକ୍ରି କରି ଦେଇଥିଲେ। ଉକ୍ତ ବେଆଇନ କାର୍ଯ୍ୟରୁ ବର୍ତ୍ତିବା ପାଇଁ ଉକ୍ତ ମାଟିଖୋଳା ସ୍ଥାନରେ ଚଞ୍ଚକତା କରି ସେଠାରେ ସରକାରୀ ଅନୁଦାନରେ ଏକ ପୋଖରୀ ଖୋଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଆଉ ଏକ ସଙ୍ଗିନ ଅଭିଯୋଗ ଆଣିଛନ୍ତି ଯେ, ସରପଞ୍ଚଙ୍କ ସ୍ୱାମୀ ବିପିନ ତ୍ରିପାଠୀଙ୍କର ଏକ ଜମି ଗୋଚର ଜମି ପଛକୁ ଅଛି। ସେହି ଜମିକୁ ମୂଲ୍ୟବାନ୍ କରିବା ସହ ଯାତାୟାତ ସୁବିଧା ପାଇଁ ପ୍ଲଟ ନଂ.୨୨୭ରେ ଥିବା ଗୋଚର ଜମି ଉପରେ ଏସବୁ ବେଆଇନ ନିର୍ମାଣ କରାଉଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଗ୍ରାମବାସୀଙ୍କ ଅଗୋଚରରେ ଏହି ଗୋଚର ଜମିର କିଛି ଅଂଶରେ ସରକାର ଅଗ୍ନିଶମ ସେବା ସଂସ୍ଥା, ପୋଲିସ ବାରାକ୍ ଓ ଗୋଦାମ ଗୃହ ନିର୍ମାଣ କରିଥିଲେ। ଫଳରେ ଗୋଚର ଜମି କ୍ରମେ ସଙ୍କୁଚିତ ହୋଇ ପଡିଥିଲା। ଛେଳି, ମେଣ୍ଢା, ଗୋରୁ ଚରିବାରେ ଅସୁବିଧା ହେଉଥିଲା। ବର୍ତ୍ତମାନ ସରପଞ୍ଚଙ୍କ ସ୍ୱାମୀ ନିଜ ସ୍ୱାର୍ଥ ପାଇଁ ଏପରି କରୁଛନ୍ତି ବୋଲି ପ୍ରଫୁଲ୍ଲ ସାମନ୍ତରାୟ, ରଞ୍ଜନ ମିଶ୍ର ଓ ଉମାକାନ୍ତ ଭଞ୍ଜ ପ୍ରମୁଖ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ଜମିର କିସମ ପରିବର୍ତ୍ତନ ନ କରି ସେଠାରେ କିପରି ଭାବେ ବେଆଇନ ନିର୍ମାଣ ହେଲା, ସେଥିପାଇଁ ଦାୟୀ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ଅମିୟ କୁମାର ପଣ୍ଡାଙ୍କୁ ପଚାରିବାରେ ଗୋଚର ଜମିରେ ସରକାର ସାମୂହିକ ବିକାଶ କରିପାରିବେ। ମାତ୍ର ମାର୍କେଟ କମ୍ପ୍ଲେକ୍ସ ତାଙ୍କ ପୂର୍ବରୁ ହୋଇଥିଲା। ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସେ କହିଥିଲେ। ପୋଖରୀ ଖୋଳା ସମ୍ପର୍କରେ କହିଥିଲେ, ସେଠାରେ ପୂର୍ବରୁ ଥିବାରୁ ତାହାର ଉନ୍ନତୀକରଣ କରାଯାଇଛି। ଏ ସମ୍ପର୍କରେ ଗାଁର ରଞ୍ଜନ ମିଶ୍ରଙ୍କୁ ପଚାରିବାରେ ପୂର୍ବରୁ ପୋଖରୀ ନ ଥିଲା। ମାତ୍ର ବାଲି ବିକ୍ରିକୁ ଲୁଚାଇବାକୁ ପୂର୍ବରୁ ପୋଖରୀ ଥିଲା ବୋଲି ମିଥ୍ୟା ଭାବେ କୁହାଯାଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ତ୍ରିପାଠୀଙ୍କୁ ପଚାରିବାରେ ଗୋଚରକୁ ଲାଗି ରହିଥିବା ଜମିକୁ ବାପା ଭଉଣୀମାନଙ୍କ ନାଁରେ କରି ଦେଇଛନ୍ତି। ମୋ ନାଁରେ ଯେଉଁ ବାଲି ଖୋଳିବା ବା ଅନ୍ୟାନ୍ୟ ଅଭିଯୋଗ ହେଉଛି ତାହା ଭିତ୍ତିହୀନ ବୋଲି ସେ କହିଛନ୍ତି।

